# Akashvani, Sambalpur

# SAMBALPURI NEWS BULLETIN

## 27 February 2025- 6.47- 6.52 am.

*******************************************

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ-ଜାତୀୟ ସମ୍ମିଳନୀ/ଆର୍‌ଏନ୍‌ୟୁ ସମ୍ବଲପୁର

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ତର୍‌ଫୁ ଆଏବାକାଏଲ୍ ପୁରୀ ନ ୯ ନମ୍ବର୍ ଜାତୀୟ ସମ୍ମିଳନୀ ହେବା । ୩ ଦିନ୍ ଧରିକରି ହେବାର୍‌କେ ଥିବା ଇ ସମ୍ମିଳନୀଥି ଜନସ୍ୱାସ୍ଥ୍ୟସେବାଥି କରାଯିବାର୍‌କେ ଥିବା ବ୍ୟବସ୍ଥା ଆର୍ ନୂଆଁ ଉଭାବନ୍ ବାବ୍‌ଦେ ଆଲୋଚନା ହେବା । ସେନ୍ତା ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ଉପ୍‌ରେ ଭିଲ୍ ସମ୍ମିଳନୀଥି ସମୀକ୍ଷା କରାଯିବା । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମ୍ମିଳନୀକେ ଉଦ୍‌ଘାଟନ୍ କର୍‌ବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ପ୍ରମୁଖ ସମ୍ମିଳନୀଥି ଉପସ୍ଥିତ୍ ରହେବେ । ସମ୍ମିଳନୀଥି ଯୋଗ୍ ଦେବାର୍ ଲାଗି କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ଆଏଜ୍ ଓଡ଼ିଶା ଗସ୍ତଥି ଆସିକରି ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ପହଁଚିବେ ।

କିଶୋରୀ କିଶୋର ସମାବେଶ      ଆର୍‌ଏନ୍‌ୟୁ/

ଅନ୍ତର୍ଜାତୀୟ ମହିଲା ଦିବସ୍ ଅବ୍‌ସରେ ରାଜ୍ୟସ୍ତରୀୟ କିଶୋରୀ କିଶୋର ସମାବେଶ୍ ଆଏଜ୍ ଆଉ ଆଏବା କାଏଲ୍ ଭୁବ୍‌ନେଶ୍ୱର୍‌ର କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ହେବା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମାବେଶ୍‌କେ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷା ମନ୍ତ୍ରୀ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଆଚାର୍ଯ୍ୟ ହରିହର ଦାସ୍ ଜୟନ୍ତୀ      ଆର୍‌ଏନ୍‌ୟୁ/ସମ୍ବଲପୁର

ଆଚାର୍ଯ୍ୟ ହରିହର ଦାସ୍‌ଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଆଏଜ୍ ଭୁବ୍‌ନେଶ୍ୱର୍ ନ ପାଳନ୍ କରାଯିବା । ଇ ଅବ୍‌ସରେ ଆଚାର୍ଯ୍ୟ ବିହାର୍ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତ୍ତିଥି ସଖାଲ୍‌ବେଲା ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ୍ କର୍‌ବେ । ବେଲ୍‌ବୁଡ଼େ ଜୟଦେବ୍ ଭବନ୍ ନ ହେବାର୍‌କେ ଥିବାର୍ ଗୁଟେ ସାଧାରଣ୍ ସଭାଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍

ଦେବେ । କାର୍ଯ୍ୟକ୍ରମ୍‌ଥି ଏକାମ୍ର ବିଧାୟକ୍ ବାବୁ ସିଂ, ସତ୍ୟବାଦୀ ବିଧାୟକ୍ ଓମ୍ ପ୍ରକାଶ୍ ମିଶ୍ର ଆର୍ ପିପିଲି ବିଧାୟକ୍ ଆଶ୍ରିତ୍ ପଟ୍ଟନାୟକ୍ ପ୍ରମୁଖ  ଯୋଗ୍‌ଦେବେ ।

ମହାଶିବରାତ୍ରୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାଶିବରାତ୍ରୀ ଅବ୍‌ସରେ ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଶିବମନ୍ଦିର୍ ମାନ୍‌କେ ହଜାର୍ ହଜାର୍ ଭକ୍ତଙ୍କର୍ ସମାଗମ୍ ହେଇଥିଲା । ଭୁବ୍‌ନେଶ୍ୱର୍‌ର ଲିଙ୍ଗରାଜ୍ ମନ୍ଦିର୍, କଟକ୍‌ର ଧବଳେଶ୍ୱର୍, ପୁରୀର ଶ୍ରଲୋକନାଥ୍ ମନ୍ଦିର୍, ଭଦ୍ରକ୍‌ର ଆଖଣ୍ଡଳମଣି ସହେତେ ରାଜ୍ୟର୍ ମୁଖିଆ ଶୈବପୀଠମାନ୍‌କେ ଶ୍ରଦ୍ଧାଳୁଙ୍କର୍ ଜବର୍ ଭିଡ଼୍ ଦେଖ୍‌ବାର୍‌କେ ମିଲିଥିଲା । ସେଆଡ଼େ ଭୁବ୍‌ନେଶ୍ୱର୍ ଶ୍ରୀଲିଙ୍ଗରାଜ୍ ମନ୍ଦିର୍ ନ ରାତିର୍ ୧୧ ବଜେ ଉତ୍‌ରୁ ମହାଦୀପ ଉଠିଥିଲା ।

ମୁଖ୍ୟମନ୍ତ୍ରୀ- ଲିଙ୍ଗରାଜ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆମ୍ବାର୍ ଜାଗରଣ୍‌ଥି ଜାଗର୍ ପର୍ବର୍ ସୁଫଲ୍ ମିଲିପାର୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ପ୍ରଭୁ

ଲିଙ୍ଗରାଜ୍‌ଙ୍କର୍ ପ୍ରସିଦ୍ଧ ଜାଗର୍ ଯାତ୍ରା ଅବ୍‌ସରେ ପୁରୁଣା ଭୁବ୍‌ନେଶ୍ୱର୍ ନ ଥିବା ଲିଙ୍ଗରାଜ୍ ଭଜନ୍ ମଣ୍ଡପ୍ ଏକାମ୍ର ସାଂସ୍କୃତିକ୍ ମଂଚ୍ ତର୍‌ଫୁ ହେଇଥିବା ଭଜନ୍ ସମାରୋହଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଥିଲେ, ଶ୍ରୀକ୍ଷେତ୍ର ପୁରୀ, ଅର୍କକ୍ଷେତ୍ର କୋଣାର୍କ ଆର୍ ଏକାମ୍ର କ୍ଷେତ୍ର ଲିଙ୍ଗରାଜ୍ ବାଗିର୍ ଆଧାତ୍ମିକ୍ ପର୍ଯ୍ୟଟନ୍ ସ୍ଥଳୀ ମାନ୍‌କର୍ ଉନ୍ନତି ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

ପ୍ରୟାଗ୍‌ରାଜ୍- କୁମ୍ଭମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍ ଠାନେ ଚାଲିଥିବା ପୁର୍‌ଥିର୍ ସବୁନୁ ବଡ଼ ଆଧାତ୍ମିକ ମେଳା - ମହାକୁମ୍ଭ-୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ମହାଶିବରାତ୍ରୀ ପାଲନ୍ ଅବ୍‌ସରେ ଶେଷ୍ ଅମୃତ୍ ସ୍ନାନ୍ ହେଇଛେ । ଗଲାମାସ ୧୩ ତାରିଖ୍ ଦିନ ମୁଲ୍ ହେଇଥିବା ମହାକୁମ୍ଭ ମେଳାଥି ପାଖାପାଖି ୬୬ କୋଟି ନୁ ଅଏତ୍‌କା ଶ୍ରଦ୍ଧାଳୁ ବୁଡ଼ ପକେଇଛନ୍ । ମହାକୁମ୍ଭର୍ ଶେଷ୍ ଦିନେ ଭାରତୀୟ ବାୟୁସେନା ତର୍‌ଫୁ ମେଳା ଇଲାକା ନ ଗୁଟେ ଖାସ୍ ଏୟାର୍‌ସୋର ଆୟୋଜନ୍ କରାଯାଇଥିଲା । ଶ୍ରଦ୍ଧାଳୁମାନ୍‌କର୍

ଜବର୍ ଭିଡ଼୍‌କେ ନଜର୍‌ଥି ରଖିକରି ଉତର୍‌ପ୍ରଦେଶ୍ ସର୍‌କାର୍‌ଙ୍କର୍ ତର୍‌ଫୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା ।

ରାଜ୍ୟ ପରିବହନ-ଅନୁଦାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଗଲା ଦୁହି ଆର୍ଥିକ୍ ବଛ୍‌ରେ ରାଜ୍ୟ ପରିବହନ୍ ପ୍ରାଧିକରଣ୍- ଏସ୍‌ଟିଏକେ ୧୨ ଶହ କୋଟି ଟଙ୍କା ଅନୁଦାନ୍ ଦେଇଛନ୍ । ସଡ଼କ୍ ସୁରକ୍ଷା ଲାଗି ଭିତିଭୂମିର୍ ଉନ୍ନତିକରଣ୍ ଆଉ ଦୁର୍ଘଟନାକେ କମ୍ କର୍‌ବାର୍‌କେ ଜରୁରୀ ପଦକ୍ଷେପ୍ ନେବାର୍ ଲାଗି ଇ ଅନୁଦାନ୍ ମଞ୍ଜୁର୍ କରାଯାଇଛେ । ଇତାକେ କେନ୍ତାକରି ଖର୍ଚ୍ଚା କରାହେବା ସେଥିର୍‌ଲାଗି ଜରୁରୀ ଯୋଜ୍‌ନା ପ୍ରସ୍ତୁତ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ଏସ୍‌ଟିଏକେ ଚିଠି ଲେଖାଯାଇଛେ । ରାଜ୍ୟ ପରିବହନ୍ ବିଭାଗ୍ ସଚିବ ଉଷା ପାଢ଼ୀ ଚିଠିଥି ଉଲ୍ଲେଖ୍ କରିକରି କହିଛନ୍ ଯେ, ସଡ଼କ୍ ସୁରକ୍ଷା ଲାଗି ଗଲା ଆର୍ଥିକ୍ ବଛ୍‌ରେ ରାଏଜେ ୧୯ ଟା ଆଂଚଲିକ୍ ପରିବହନ୍ କାର୍ଯ୍ୟାଳୟଥି ସ୍ୱୟଂଚାଲିତ୍ ଡ୍ରାଇଭିଂ ଟେଷ୍ଟିଂ କେନ୍ଦ୍ର ଖୁଲାଯାଇଛେ । ଇତାର୍‌ସହେତେ ସଡ଼କ୍ ସୁରକ୍ଷା ଯୋଜ୍‌ନାଥି ଦୁର୍ଘଟନାର୍ ତଦନ୍ତ୍ ଲାଗି ଖାସ୍ ପଦକ୍ଷେପ୍ ମାନ୍ ନିଆଯାଇଛେ । ସେନ୍ତା ଇ ଆର୍ଥିକ୍ ବଛର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ବାବଦ୍ ଗୁଟେ ତାଲିକା ମାର୍ଚ୍ଚ

୩୧ ତାରିଖ୍‌ତକ୍ ଦେବାର୍ ଲାଗି ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ସମଲେଇମନ୍ଦିର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ପୀଠକେ ପ୍ଲାଷ୍ଟିକ୍‌ମୁକ୍ତ କର୍‌ବାର୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ପରାମର୍ଶ ଦେଇଛନ୍ । ଗଲାକାଏଲ୍ ସମଲେଶ୍ୱରୀ ମନ୍ଦିର୍ ଦର୍ଶନ୍ କର୍‌ବାର୍ ସହେତେ କେନ୍ଦ୍ରମନ୍ତ୍ରୀ ଇ ବାବ୍‌ଦେ ଜିଲ୍ଲାପାଳ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ଏସ୍‌ଏମ୍‌ସି କମିଶନର୍ ବେଦଭୂଷଣ୍ ଆର୍ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ଼ ସଭାପତି ଆର୍ ସଦସ୍ୟମାନ୍‌କର୍ ସଙ୍ଗେ ଇ ବାବ୍‌ଦେ ଆଲୋଚନା କରିଥିଲେ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍

୪ ନମ୍ବର୍ ଦିନେ ଜର୍ଜ ଟେଲିଗ୍ରାପ୍, କୋଲ୍କାତା ଆର୍ ସେଂଟ୍ ଜର୍ଜ ସ୍ପୋର୍ଟସ୍ କ୍ଲବ୍, କେରଲ୍ ଭିତ୍ରେ ମେଚ୍ ହେବା ।
ଗଲାକାଏଲ୍ ହେଇଥିବା ମେଚ୍ଥି ଓଡ଼ିଶା ଫୁଟ୍ବଲ୍ ଆସୋସିଏସନ୍ - ମାଡ୍ରାସ୍ ଇଞ୍ଜିନିୟରିଂ ଗ୍ରୁପ୍ ଆଉ ସେଂଟର୍, ବେଙ୍ଗ୍ଲୋରକେ ୧-ଶୂନ୍ ଗୋଲ୍ଥି ହରେଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏବା ୨ ଦିନ୍ତକ୍ ରାତିର୍ ତାପମାତ୍ରାଥି ବିଶେଷ୍ କିଛି ପରିବର୍ତନ୍ ନାଇଁନ । ହେଲେ ଇତାର୍ଉତ୍ରୁ ତାପମାତ୍ରା ୨ ନୁ ୩ ଡିଗ୍ରୀ ସେଲ୍ସିଅସ୍ତକ୍ ବଢ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।
ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ୩୬ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ବୌଦ୍ଧ ନ ରେକର୍ଡ଼ କରାଯାଇଥିଲା । ସେନ୍ତା ୧୩ଟା ସହର୍ର ଦିନର୍ ତାପମାତ୍ରା ୩୪ ଡିଗ୍ରୀ ଉପ୍ରେ ରହିଥିଲା ।